# Akashvani, Sambalpur

## SAMBALPURI NEWS EVENING BULLETIN

## 7 September 2026-7.02- 7.12 pm.

---

୧- ଗଙ୍ଗାଧର୍ ମେହେର୍ ଆଉ ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟର୍ ସମାବର୍ତ୍ତନ୍ ଉତ୍ସବ୍‌ଥି ଯୋଗ୍ ଦେଲେ ରାଜ୍ୟପାଳ୍ ।

- ଛାତ୍ରଛାତ୍ରୀମାନ୍‌କୁ ଦେଲେ ପଦକ୍ ଆର୍ ଡିଗ୍ରୀ ।

୨- ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଚାଲିଛେ ରାଜ୍ୟ କେବିନେଟ୍‌ର ବୈଠକ୍ ।

୩- ରାଏଜେ ଖରିଫ୍ ଧାନ୍ ବିକ୍‌ବାର୍ ଲାଗି ୨୧ ଲାଖ୍ ୪୨ ହଜାର୍ ଚାଷୀ କରିଛନ୍ ପଞ୍ଜିକରଣ୍ ।

ଆଉର୍

୪- ଜଲବାୟୁ କାର୍ଯ୍ୟାନ୍ୱୟନ୍ ଲାଗି ସ୍ୱଚ୍ଛ ବାୟୁର୍ ବାର୍ତ୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ସ୍ୱଚ୍ଛ ବାୟୁ ଦିବସ୍ ।

- ରାଜ୍ୟର୍ ୪ ଟା ସହର୍‌କେ ମିଲ୍‌ଲା ସ୍ୱଚ୍ଛ ବାୟୁ ସର୍ବେକ୍ଷଣ୍ ପୁରସ୍କାର୍ ।

ରାଜ୍ୟପାଲ୍-ସମ୍ବଲପୁର        ସମ୍ବଲପୁର ସମ୍ବାଦଦାତା

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ସମ୍ବଲ୍ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟର୍ ୫ ନମ୍ବର୍ ସମାବର୍ତ୍ତନ୍ ଉତ୍ସବ୍ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଛନ୍ । ସମାବର୍ତ୍ତନ୍ ଉତ୍ସବ୍ଥି ବିଶ୍ୱବିଦ୍ୟାଳୟର୍ କୃତୀ ଛାତ୍ରଛାତ୍ରୀଙ୍କୁ ମେଡ଼ାଲ୍ ଦିଆଯାଇଥିବାର୍ ବେଲେ ଭିନ୍ ଭିନ୍ ବିଭାଗ୍ର ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ୍ କରାଯାଇଛେ । ଇ ଅବ୍ସରେ ରାଜ୍ୟପାଲ୍ ସମ୍ବୋଧନ୍ କରିକରି କହିଛନ୍,

(ଭଏସ୍ ଓଭର୍- ରାଜ୍ୟପାଲ୍)

ଉତ୍ସବ୍ଥି ସମ୍ବଲ୍ପୁର୍ ସାଂସଦ୍ ଆଉ ଆଘର୍ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଉ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଯୋଗ୍ ଦେଇକରି ଛାତ୍ରଛାତ୍ରୀମାନ୍କୁ ଶୁଭେଚ୍ଛା ଜନେଇଛନ୍ ।

ଇତାର୍ ଆଘୋନୁ ଆଏଜ୍ ସଖାଲ୍ବେଲା ସମ୍ବଲ୍ପୁର୍ ବିଶ୍ୱବିଦ୍ୟାଳୟର୍ ୩୬ ନମ୍ବର୍ ସମାବର୍ତ୍ତନ୍ ଉତ୍ସବ୍ଥି ରାଜ୍ୟପାଲ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇଥି ଛାତ୍ରଛାତ୍ରୀମାନ୍କୁ ସମ୍ବୋଧିତ୍ କରିକରି କହିଛନ୍, ଜାତୀୟ ଶିକ୍ଷାନୀତି ୨୦୨୦ ଅନ୍ସାରେ ସର୍କାର୍ ପାଠ୍ୟକ୍ରମ୍ଥି ନବସୃଜନ, ଉଦ୍ଭାବନ, ଦକ୍ଷତା ଆଉ ପ୍ରଯୁକ୍ତିବିଦ୍ୟାକେ ଅଏତ୍କା ଜୋର୍ ଦେଇଛନ୍ । କେନ୍ଦ୍ର ଆଉ

ରାଜ୍ୟ ସର୍କାର୍ଙ୍କର୍ ଭିନ୍ ଭିନ୍ ଯୋଜ୍ନା ଆଉ ସୁବିଧାର୍ ସଦ୍ଉପଯୋଗ୍ କରିକରି ଛାତ୍ରଛାତ୍ରୀମାନ୍କୁ ଉଦ୍ୟୋଗୀ ହେବାର୍ ଲାଗି ରାଜ୍ୟପାଲ୍ ପରାମର୍ଶ ଦେଇଛନ୍ ।

କାର୍ଯ୍ୟକ୍ରମ୍ଥି ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇକରି କହିଛନ୍, ପାରମ୍ପରିକ୍ ଶିକ୍ଷା ଆଉ ଆଧୁନିକ୍ କୃତ୍ରିମ ବୁଦ୍ଧିମତା, ପ୍ରଯୁକ୍ତି ବିଦ୍ୟାର୍ ସଠିକ୍ ଉପଯୋଗ୍ ଭବିଷ୍ୟତ୍ର ଗବେଷଣାକେ ଗୁଟେ ନୂଆଁ ଦିଗ୍ ଦେଖାବା । ଜ୍ଞାନ୍ ଆଉ କୌଶଲ୍ର ସମ୍ମିଶ୍ରଣ୍ ପ୍ରକୃତ ଦକ୍ଷତା ତିଆର୍ କରିକରି ଆଏବା ଦିନେ ରାଜ୍ୟ ଆଉ ଦେଶର୍ ପ୍ରଗତିଥି ସାହାଜ୍ ହେବା ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଇ ଅବ୍ସରେ ୬୫ ଝନ୍ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ୍ ପ୍ରଦାନ୍ କରାଯାଇଛେ । ଉତ୍ସବ୍ଥି ଛାତ୍ରଛାତ୍ରୀ, ଅଭିଭାବକ୍, ଅଧ୍ୟାପକ୍ ଆଉ ବିଶ୍ୱବିଦ୍ୟାଳୟର୍ ବହୁତ୍ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ୍ ଥିଲେ ।

ରାଜ୍ୟ କେବିନେଟ୍        ଭୁବନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ରାଜ୍ୟ କେବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଚାଲିଛେ । ବୈଠକ୍‌ଥି ୧୮ ଟା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍ ଉପ୍‌ରେ ଆଲୋଚନା ହେଇକରି ମଞ୍ଜୁରୀ ମିଲ୍‌ବାର୍ ସମ୍ଭାବନା ରହିଛେ ।

ମୁଖ୍ୟମନ୍ତ୍ରୀ– ମାର୍ଗଦର୍ଶନ       ଆର୍‌ଏନ୍‌ୟୁ/ କଟକ୍

ସନାତନ ପରମ୍ପରା, ନୈତିକ ମୂଲ୍ୟବୋଧ ଆଉ ସାଂସ୍କୃତିକ ଜାଗରଣ୍ ବିକଶିତ ଭାରତ୍ ଆଉ ସମୃଦ୍ଧ ଓଡ଼ିଶାର୍ ସଂକଳ୍ପକେ ସାକାର୍ କର୍‌ବାର୍‌ଟା ପ୍ରକୃତ୍ ଶକ୍ତି ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଶ୍ରୀକ୍ଷେତ୍ର ପୁରୀ ନ ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ସନ୍ଥମାନ୍‌କର୍ ଆଶୀର୍ବାଦ୍ ଆଉ ଆଧ୍ୟାତ୍ମିକ୍ ମାର୍ଗଦର୍ଶନ୍ ରାଜ୍ୟର ବିକାଶ୍ ଆଉ କଲ୍ୟାଣ୍ ଯାତ୍ରାକେ ଅଏତ୍‌କା ଦିଗ୍‌ଦର୍ଶନ୍ ଦେବା । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇକରି କହିଛନ୍, ଆଧ୍ୟାତ୍ମିକ ବାଣୀ ଆଉ

ମାର୍ଗଦର୍ଶନ୍ ସବୁବେଳେ ମନେ ଭକ୍ତି, ଶାନ୍ତି, ସକାରାତ୍ମକ ଭାବନା ଆନ୍‌ସି ।

ଖରିଫ୍ ଧାନ - ପଞ୍ଜୀକରଣ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଖରିଫ୍ ଧାନ୍ ଘିନା ଲାଗି ୨୧ ଲାଖ୍ ୪୨ ହଜାର୍ ଚାଷୀ ପଞ୍ଜିକରଣ୍ କରିଛନ୍ ବଲି ସମବାୟ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ କହିଛନ୍ । ବନ୍ୟା ଲାଗି ପଞ୍ଜିକରଣ୍ ପ୍ରକ୍ରିୟା ଡେରି ହେଇଥିଲା । ଆଏଜ୍ ଇ ପ୍ରକ୍ରିୟା ଶେଷ୍ ହେଉଛେ ବଲି ମନ୍ତ୍ରୀ ଶ୍ରୀ ବଲସାମନ୍ତ କହିଛନ୍ ।

(ଭଏସ୍ ଓଭର୍- ପ୍ରଦୀପ ବଲସାମନ୍ତ)

ଗଲାମାସ ୬ ତାରିଖ୍‌ନୁ ଇ ପଞ୍ଜିକରଣ୍ କାମ୍ ମୁଲ୍ ହେଇଥିଲା ।

ବର୍‌ଗଡ଼୍ ଜିଲ୍ଲାନ ସବୁନୁ ଜହ ୧ ଲାଖ୍ ୮୩ ହଜାର୍ ଚାଷୀ ପଞ୍ଜିକରଣ୍ କରିଛନ୍ । ଗଲାବଛର୍ ନୁ ଇ ବଛର୍‌ର ଗଲା ଶନିବାର୍ ତକ୍ ପାଖାପାଖି ୨ ଲାଖ୍‌ନୁ ଅଏତ୍‌କା ଚାଷୀ ପଞ୍ଜିକୃତ ହେଇଥିବାର୍ ଜନାପଡ଼ିଛେ ।

ଭଙ୍ଗାଯିବ କୋଠା        ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ସବୁ ଦୁର୍ବଲ୍ ଆଉ ବିପଦ୍ ଅବସ୍ଥାଥି ଥିବା ସର୍‌କାରୀ ଆଉ ବେସର୍‌କାରୀ କୋଠାମାନ୍‌କୁ ଭଙ୍ଗାଯିବା ବଲି ଗୃହ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ବିପଦ୍ ଅବସ୍ଥାଥି ଥିବା  ବିଦ୍ୟାଲୟ, ଅଙ୍ଗନବାଡ଼ି କେନ୍ଦ୍ରକେ ଭାଙ୍ଗ୍‌ବାର୍ ଲାଗି ଆଘୋନୁ ସର୍‌କାରୀସ୍ତର୍‌ଥି ନିର୍ଦ୍ଦେଶ୍ ଦିଆଯାଇଥିଲା । ସହର୍ ନ ଥିବା ସର୍‌କାରୀ ଆଉ ବେସର୍‌କାରୀ କୋଠାର୍ ଚିହ୍ନଟ୍ ପ୍ରକ୍ରିୟା କରାଯାଉଛେ ବଲି ମନ୍ତ୍ରୀ ଶ୍ରୀ ମହାପାତ୍ର ସୂଚ୍‌ନା ଦେଇଛନ୍ ।

ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ        ଆର୍‌ଏନ୍‌ୟୁ/ କଟକ୍

ବାୟୁ ପ୍ରଦୂଷଣ୍ ଆର୍ ଇତାର୍ ନିରାକରଣ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସର୍ ବାର୍ତା ରହିଛେ 'ଜଲ୍‌ବାୟୁ କାର୍ଯ୍ୟାନ୍ୱୟନ୍ ଲାଗି ସ୍ୱଚ୍ଛ ବାୟୁ' । ସ୍ୱଚ୍ଛ ପରିବେଶ୍ ଆଉ

ସ୍ଥାୟୀ ଜୀବନ୍‌ଶୈଳୀର୍ ବାର୍ତା ପ୍ରସାର୍ କର୍‌ବାର୍, ବାୟୁର ଗୁଣାତ୍ମକମାନ ବଢ଼୍‌ବାର୍ ଆଉ ପ୍ରଦୂଷଣ କମ୍ କର୍‌ବାର୍‌କେ ଅନ୍ତର୍ଜାତୀୟ ସ୍ତରଥି ସହଯୋଗ୍ ବର୍‌କସ୍ କର୍‌ବାର୍ ଲାଗି ଇ ଦିବସ୍ ପାଲିତ୍ ହେଉଆସୁଛେ । ୨୦୧୯ ମସିହା ଡିସେମ୍ବର୍ ୧୯ ତାରିଖ୍‌ଥି ଇ ଦିବସ୍ ପାଲନ୍ ଲାଗି ଜାତିସଂଘ ସାଧାରଣ ଅଧିବେଶନ୍‌ଥି ପ୍ରସ୍ତାବ୍ ଗୃହୀତ୍ ହେଇଥିଲା । ସ୍ୱାସ୍ଥ୍ୟ, ଅର୍ଥନୀତି, ଉତ୍ପାଦକତା ଆଉ ପରିବେଶ ଉପ୍‌ରେ ସ୍ୱଚ୍ଛ ବାୟୁ ପ୍ରଭାବ୍‌ର ଗୁରୁତ୍ୱ ରହିଛେ । ସେଥିର୍‌ଲାଗି ଜଲ୍‌ବାୟୁ ପରିବର୍ତନ୍ ମୁକାବିଲା କର୍‌ବାର୍ ସହେତେ ସ୍ୱଚ୍ଛ ବାୟୁ ବାବଦ୍ ଜ୍ଞାନ, ନବସୃଜନ୍‌ର ଦର୍‌କାର୍ ରହିଛେ ।

ଇ ଅବ୍‌ସରେ ଆଏଜ୍ ନୂଆଦିଲ୍ଲୀ ଠାନେ ପରିବେଶ୍, ଜଙ୍ଗଲ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରଣାଳୟ ତର୍‌ଫୁ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ୍ ପୁରସ୍କାର୍ ଦିଆଯାଇଛେ । ଇଥି ରାଜ୍ୟର୍ ୪ ଟା ସହର୍‌କେ ପୁରସ୍କୃତ୍ କରାଯାଇଛେ । ୩ ଲାଖ୍‌ନୁ କମ୍ ଜନସଂଖ୍ୟା ଥିବା ବର୍ଗଥି ଯାଜ୍‌ପୁର୍ ଜିଲ୍ଲାର୍ କଳିଙ୍ଗନଗର୍ ଶିଳ୍ପାଂଚଲ୍ ସହର୍ ବ୍ୟାସନଗର୍‌କେ ପହେଲା ପୁରସ୍କାର୍ ମିଳିଛେ ।
ଇ ବର୍ଗଥି ଅନୁଗୁଲ୍ ୨ ଆର୍ ତାଲ୍‌ଚେର୍ ୩ ନମ୍ବର୍ ଠାନ୍ ପାଇଛେ ।

୪ ଲାଖ୍‌ନୁ ଅଏତ୍‌କା ଜନସଂଖ୍ୟା ବର୍ଗଥି ରାଉର୍‌କେଲା

ପହେଲା ଠାନ୍ ହାସଲ୍ କରିକରି ପୁରସ୍କୃତ୍ ହେଇଛେ । ଦେଶର୍ ମୋଟ୍ ଶହେ ୩୨ ଟା ସହର୍କେ ନେଇକରି ଇଥିର୍‌ଲାଗି ସର୍ବେକ୍ଷଣ୍ କରାଯାଇଥିଲା ।

ବର୍ଜ୍ୟ ପରିଚାଳନା ନିୟମ      ଆର୍ଏନ୍‌ୟୁ/ କଟକ୍

ପରିବେଶ୍ ସୁରକ୍ଷା ଆଉ କଠିନ ବର୍ଜ୍ୟ ପରିଚାଳନାକେ ବର୍କସ୍ କର୍‌ବାର୍ ଲାଗି କେନ୍ଦ୍ର ସର୍କାର୍ କଠିନ ବର୍ଜ୍ୟ ପରିଚାଳନା ନିୟମ-୨୦୨୬ ଲାଗୁ କରିଛନ୍ । ନୂଆଁ ନିୟମ୍ ଅନ୍‌ସାରେ, ଘର୍, ବ୍ୟବସାୟିକ୍ ପ୍ରତିଷ୍ଠାନ୍ ଆଉ ଅଲ୍‌ଗା ଜାଗାମାନ୍‌କେ ବର୍ଜ୍ୟ ପରିଚାଳନାକେ ୪ ଟା ବର୍ଗ- ଉଦା, ଶୁଖା, ସାନିଟାରୀ ଆଉ ସ୍ୱତନ୍ତ୍ର ଯତ୍ନବର୍ଗଥି ଅଲ୍‌ଗା କର୍‌ବାର୍ ଲାଗି ବାଧ୍ୟତାମୂଳକ୍ କରାଯାଇଛେ । ବର୍ଜ୍ୟର୍ ଫେର୍ ବେଭାର୍, ପୁନଃଚକ୍ରଣ ଆଉ ପ୍ରକ୍ରିୟାକରଣ୍‌କେ ଜୋର୍ ଦେଇକରି ସର୍କୁଲାର୍ ଇକୋନୋମି ଓ ପଲ୍ୟୁଟର୍ ପେଜ୍ ପ୍ରିନ୍‌ସୁପୁଲ୍‌କେ ଭିଲ୍ ସାମିଲ୍ କରାଯାଇଛେ । ନୂଆଁ ନିୟମ୍‌ଥି ବର୍ଜ୍ୟ ପରିଚାଳନା ପ୍ରକ୍ରିୟାର୍ ଅନ୍‌ଲାଇନ୍ ଟ୍ରାକିଂ ଆର୍ ନିରୀକ୍ଷଣ୍ ଆଉ ନିୟମ୍ ଉଲ୍ଲଂଘନ୍ କ୍ଷେତ୍ରଥି କ୍ଷତିପୂରଣ୍ ବ୍ୟବସ୍ଥା କରାଯାଇଛେ ।

କଳିୟ ଦଳନ ବେଶ        ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଭୁଦୋ ମାସ ଅନ୍ଧାର୍ ପଖର୍ ଏକାଦଶୀ ତିଥି ନ ଶ୍ରୀଜୀଉଙ୍କର୍ କାଳିୟ ଦଳନ ବେଶ ଆଉ ଧେନୁକାଶୁର ବଧ ପ୍ରସ୍ତାବ ନୀତି ଚାଲିଛେ । ପରମ୍ପରା ଅନ୍‌ସାରେ ଆଏଜ୍ ଶ୍ରୀମନ୍ଦିର୍ ନ ମଧ୍ୟାହ୍ନ ଧୂପ ନୀତି ସର୍‌ବାର୍ ଉତ୍‌ରୁ ମଦନ ମୋହନ୍ ଆଉ ରାମକୃଷ୍ଣଙ୍କୁ ପୂଜା ପଣ୍ଡା ସାମନ୍ତ ଆଜ୍ଞାମାଳ ବିଜେ କରିଛନ୍ ।  ମାହାପୁରୁମାନେ ଶ୍ରୀମନ୍ଦିର୍ ବେଢ଼ା ପରିକ୍ରମା କରିକରି ଲୋକନାଥ ରୋଡ଼୍ ନ ଥିବା ଲବଣୀଖିଆ ମଣ୍ଡପ୍‌କେ ବିଜେ କରିଛନ୍ । ସେନ ବନ୍ଦାପନା, ଶୀତଳଭୋଗ ବାଗିର୍ ନୀତି ଚାଲିଛେ । ଇ ନୀତି ସର୍‌ବାର୍ ଉତ୍‌ରୁ ମାର୍କଣ୍ଡ ପୋଖରୀ ନ ମାହାପୁରୁଙ୍କର୍ କାଳିୟଦଳନ ଲୀଳା କରାଯିବା । ଇତାର୍ ଉତ୍‌ରୁ ରତ୍ନସିଂହାସନ୍ ଉପ୍‌ରେ ବିରାଜିତ ଶ୍ରୀଜଗନ୍ନାଥ୍ ମାହାପୁରୁଙ୍କୁ କାଳିଅ ଦଳନ ବେଶଥି ସଜାଯିବା ।

ନୂଆଖାଇ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧର ଅଧିଷ୍ଠାତ୍ରୀ ଦେବୀ ମା ଭୈରବୀଙ୍କର୍ ପୀଠ ନ ଲାଗି ନୂଆଖାଇ ଲାଗି କର୍‌ବାର୍‌କେ ଆଏବା ୧୫ ତାରିଖ୍ ମଙ୍ଗଲ୍‌ବାର୍ ଦିନ ସଖାଲର୍ ୮ ବାଜିକରି ୪୫ ମିନିଟ୍ ନୁ ୧୦ ବାଜିକରି ୧୫ ମିନିଟ୍ ଭିତ୍‌ରେ ଲଗନ୍ ଧାରିଜ୍ କରାଯାଇଛେ । ଭୈରବୀଙ୍କର୍ ପୀଠ ନ ନୂଆଁ ଚାଉଲ୍ ଭୋଗ୍ ଅର୍ପଣ୍ କଲା ଉତ୍‌ରୁ ଅଲ୍‌ଗା ଦେବାଦେବୀଙ୍କର୍ ନ ନବାନ୍ନ ଲାଗି କରାଯିବା ଆଉ ଜିଲ୍ଲାର୍ ଲୁକେ ନୂଆଁ ଖାଏବେ ।

ଅଭିଯୋଗ୍ ଶୁଣାଣି ସୁବର୍ଣ୍ଣପୁର୍/ ବୌଦ୍ଧ/ ଦେବଗଡ୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ଯୁଗ୍ମ ଜନଶୁଣାଣି ଶିବିର ହେଇଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ସୋନ୍‌ପୁର୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ହେଇଥିବା ଶୁଣାଣି ଶିବିର୍‌ଥି ୩୧ ଟା ଅଭିଯୋଗ ଆସିଥିଲା ।

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ହେଇଥିବା ଶିବିରଥି ଶହେ ୧୯ ଟା ଅଭିଯୋଗ ଆସିଥିବାର୍ ବେଲେ ୧୭ ଟା ଅଭିଯୋଗ୍‌ର୍ ତୁର୍‌ତି ସମାଧାନ୍ କରାଯାଇଥିଲା ।

ଦେବ୍‌ଗଡ୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଳନୀ କକ୍ଷ ନ ହେଇଥିବା ଶିବିରଥି ୪୧ ଟା ଅଭିଯୋଗ ଆସିଥିଲା ।

ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୨ ଦିନ୍‌ତକ୍ କମ୍ ନୁ ମଧମ୍ ଧରଣ୍‌ର ବର୍ଷା ହେବାର୍ ସମ୍ଭାବନା ରହିଛେ । ୨୩ ଟା ଜିଲ୍ଲା ନ ଚଡ଼କ୍ ମାରିକରି ବର୍ଷା ହେବା ବଲି ଭୁବନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଆକଲନ୍ କରାଯାଇଛେ । ଶୁକ୍ରବାର୍‌ତକ୍ ସମୁଦ୍ରଖଁଡ଼ି ଆଉ ଓଡ଼ିଶାର୍ ଭିତ୍‌ରିଆ ଇଲାକା ନ ଉତର୍ ଓଡ଼ିଶାର୍ କେତେ ଜିଲ୍ଲା ନ ଜବର୍ ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ସେଆଡ଼େ ମୌସୁମୀ ଦୁର୍ବଲ୍ ହେବାର୍‌ନୁ ଓଡ଼ିଶାର୍ ସମୁଦ୍ରଖଁଡ଼ି ଇଲାକାର୍ ଭିନ୍ ଭିନ୍ ଜାଗା ନ ଗୁଲ୍‌ଗୁଲି ଆଉ ତାପମାତ୍ରା ବଢ଼ିଛେ ।